## ବୁଢ଼ାବଳଙ୍ଗ ନଦୀରେ ବୁଡ଼ି ଛାତ୍ର ନିଖୋଜ

ବାଲେଶ୍ୱର, (ମାନସ ବିଶ୍ୱାଳ): ବାଲେଶ୍ୱର ସହର ଉପକଣ୍ଠ ବଡ଼ନୂଆପୁରଠାରେ ବୁଢ଼ାବଳଙ୍ଗ ନଦୀକୁ ଗାଧୋଇବାକୁ ଯାଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଦୀର୍ଘ ସମୟ ଧରି ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏନେଇ ତାଙ୍କ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉକ୍ତ ଛାତ୍ର ହେଲେ ସହରର ମାଣିଖମ୍ବ ନିବାସୀ ଦୀପକ କରଙ୍କ ଏକମାତ୍ର ପୁଅ ଓମ୍ ପ୍ରକାଶ (୧୩)। ସେ ସ୍ଥାନୀୟ ଏଡ଼ିଏମ ଛକସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢ଼ୁଥିଲେ।

# ସଂକ୍ଷେପରେ

## ମଧୁବାବୁ ଭତ୍ତା ଯୋଜନାରେ ସାମିଲ ହେଲେ ୨୦

**ଭଣ୍ଡାରିପୋଖରୀ,୨୧।୬ (ରବିନାରାୟଣ ଖିଲାର):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତର ୨୦ ଜଣ ହିତାଧିକାରୀ ମଧୁବାବୁ ଭତ୍ତା ଯୋଜନାରେ ସାମିଲ ହୋଇଛନ୍ତି। ଏ ନେଇ ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଭାପତିତ୍ୱରେ ହିତାଧିକାରୀଙ୍କୁ ନେଇ ଏକ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ହିତାଧିକାରୀମାନେ ରାଜ୍ୟ ସରକାର ଓ ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ସଭାରେ ଜିଆରଏସ ମାନସ ସାମଲ, ୱାର୍ଡ ମେମ୍ବର ପ୍ରତିନିଧି ତ୍ରିଲୋଚନ ନାୟକ, ସମବାୟ ସଭ୍ୟ ବିଜୟ ଖିଲାର, ଯୁବ ନେତା ଅଜିତ୍ ପ୍ରସାଦ ଦାସ, ପଞ୍ଚାୟତର ବହୁ ଜନସାଧାରଣ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଝରକା ଗ୍ରୀଲ୍ ଭାଙ୍ଗି ଟଙ୍କା, ସୁନା ଲୁଟିନେଲେ

**ବନ୍ତ,୨୧।୬(ହରିନାରାୟଣ ମହାନ୍ତି):** ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ୫୩ନଂ.ରାଜ୍ୟ ରାଜପଥର ଟିଲୋ ତାଳପଦା ଛକ ଓ ଟିଲୋ ବଡସାହିଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଝରକା ଗ୍ରୀଲ୍ ଭାଙ୍ଗି ଦୁର୍ବୃତ୍ତମାନେ ୨ଜଣଙ୍କ ଘରୁ ଟଙ୍କା, ସୁନା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଟିଲୋ ତାଳପଦା ଛକଠାରେ ରହୁଥିବା ଲକି ମାଷ୍ଟର ସ୍ୱାଇଁଙ୍କ ଗଡରେଜ୍ ଭାଙ୍ଗି ଦୁର୍ବୃତ୍ତମାନେ ୩୦୦ ଗ୍ରାମ ସୁନା, ନଗଦ ୩ ଲକ୍ଷ ଟଙ୍କା ଓ ମୂଲ୍ୟବାନ ଜମିଜମା କାଗଜ ପତ୍ର ଏବଂ ଏକ ଲାପଟପ୍ ଚୋରି କରିନେଇଛନ୍ତି। ମା’, ସ୍ତ୍ରୀ ଓ ଝିଅ ଘରେ ନ ଥିବା ବେଳେ ସ୍ୱାଇଁ ରାତି ୧୧ଟା ବେଳେ ଏକୁଟିଆ ଶୋଇ ପଡିଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏପରି କାଣ୍ଡ ଘଟାଇଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ ପାଇ ପୋଲିସ ଏକ ମାମଲା(ନଂ.୯୯/୨୩) ରୁଜୁ କରିଛି। ସେହିପରି ଟିଲୋ ବଡସାହି ଗ୍ରାମର ସୁଜିତ୍ କୁମାର ସ୍ୱାଇଁଙ୍କ ଘରୁ ଦୁର୍ବୃତ୍ତମାନେ ନଗଦ ୩ ଲକ୍ଷ ଟଙ୍କା, ୧୪୪ ଗ୍ରାମ ସୁନା ଅଳଙ୍କାର ଚୋରି କରିନେଇଛନ୍ତି। ଏନେଇ ଥାନାରେ ଅନ୍ୟ ଏକ ମାମଲା(୧୦୦/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ବନ୍ତ ଥାନା ଅଞ୍ଚଳରେ ବାରମ୍ବାର ଏପରି ଚୋରି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ନୂତନ ତହସିଲଦାରଙ୍କ ଯୋଗଦାନ

**କୋଡ଼ପଡ଼ା,୨୧।୬(ରଣଜିତ୍ କୁମାର ରଣା):** ଆନନ୍ଦପୁର ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ସୋମବାର ଦେବୀ ପ୍ରସନ୍ନ ସାରଶ୍ୱତ ଯୋଗଦାନ କରିଛନ୍ତି। ପୂର୍ବରୁ ଥିବା ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ନୂତନ ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

## ଇଂ. ମାଧବ ଚନ୍ଦ୍ର ମହାନ୍ତିଙ୍କ ପରଲୋକ

**ବାସୁଦେବପୁର,୨୧।୬(ନାରାୟଣ ପ୍ରସାଦ ବାରିକ):** ବାସୁଦେବପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ, ସୁଲେଖକ, ଇଂ. ମାଧବ ଚନ୍ଦ୍ର ମହାନ୍ତି(୭୫)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ସେ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଏମ୍ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ବରିଷ୍ଠ ଖବରଦାତା ସତ୍ୟପ୍ରିୟ ମହାନ୍ତି, କିଶୋର କୁ ମାର ମହାପାତ୍ର, ପ୍ରହ୍ଲାଦ ବାରିକ, ନାରାୟଣ ପ୍ରସାଦ ବାରିକ, ଶିକ୍ଷାବିତ ଦୁଃଶାସନ ରାଉତ, ବସନ୍ତ ଦାସଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଶେଷ ଦର୍ଶନ କରିଥିଲେ।

# କାର୍ଯ୍ୟକାରୀ ହେବ ଦୀଘା-ଜଳେଶ୍ୱର ରେଳପଥ

■ ପ୍ରତିଶ୍ରୁତି ଦେଲେ ରେଳମନ୍ତ୍ରୀ

■ ଚନ୍ଦନେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କଲେ

■ ସମ୍ବର୍ଦ୍ଧନା ଦେଲେ ଦଳୀୟ ନେତା

**ଭୋଗରାଇ, ୨୧।୬ (ପ୍ରଦୀପ ଦାସ)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସିଥିବା ବେଳେ ବୁଧବାର ଭୋଗରାଇ ଆସି ଚନ୍ଦନେଶ୍ୱର ମହାଦେବଙ୍କଠାରେ ରିଷ୍ଟ ଖଣ୍ଡନ, ରେଳ ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କ ପାଇଁ ପ୍ରାର୍ଥନା ଓ ନିଜର ମାନସିକ ପୂର୍ତ୍ତି ଲାଗି ପୂଜାର୍ଚ୍ଚନା କରିଛନ୍ତି । ଏହି ଅବସରରେ ରେଳମନ୍ତ୍ରୀ ବାହାନଗା ରେଳ ଦୁର୍ଘଟଣାରେ ସ୍ଥାନୀୟ ଲୋକ ସ୍ୱେଚ୍ଛାସେବୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଉଦ୍ଧାରକାରୀ ଦଳକୁ ପ୍ରଶଂସା କରିବା ସହିତ ବାଲେଶ୍ୱରବାସୀଙ୍କ ସହିତ ପୁରୁଣା ସମ୍ପର୍କ ଅତି ନିବିଡ଼ ବୋଲି ପ୍ରକାଶ କରିଥିଲେ। ସେ କହିଥିଲେ, ଜିଲାପାଳ ଥିବା ସମୟରେ ହୁଗୁଳି ଗ୍ରାମର ଚନ୍ଦନେଶ୍ୱରଜୀଉଙ୍କୁ ଆରାଧନା କରିଥିଲେ ଓ ପୁଣି ଥରେ ଆସି ପ୍ରଭୁଙ୍କଠାରେ ପୂଜାର୍ଚ୍ଚନା କରି ସନ୍ତୋଷ ଲାଭ କଲେ। ଦୀର୍ଘବର୍ଷ ଧରି ଶୀତଳଭଣ୍ଡାରରେ ପଡିରହିଥିବା ଦୀଘା-ଜଳେଶ୍ୱର ରେଳପଥ କାର୍ଯ୍ୟକାରିତା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନୋତ୍ତରରେ ମନ୍ତ୍ରୀ ଖୁବ୍‌ଶୀଘ୍ର ରେଳ ମନ୍ତ୍ରଣାଳୟ ସହିତ ଆଲୋଚନା କରି କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ଚନ୍ଦନେଶ୍ୱର ମହାଦେବଙ୍କ ସେବାୟତ ଓ ପଣ୍ଡାମାନଙ୍କ ପକ୍ଷରୁ ମୌରସୀ ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ତପନ କୁମାର ପଣ୍ଡା ରେଳରିଷ୍ଟ ଖଣ୍ଡନ ନିମନ୍ତେ ମହାଦେବଙ୍କ ପୂଜା ହୋଇଥିବା ଏକ ତ୍ରିଶୂଳ ଓ ଉତ୍ତରୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମନ୍ତ୍ରୀ ପ୍ରଭୁଙ୍କ ଏହି ରିଷ୍ଟ ଖଣ୍ଡନ ଶକ୍ତିକୁ ସାଦରେ ଗ୍ରହଣ କରି ଯାତ୍ରୀଙ୍କ ମଙ୍ଗଳ ନିମନ୍ତେ ମୁଖ୍ୟ ରେଳ ବିଭାଗ କାର୍ଯ୍ୟାଳୟରେ ରଖାଯିବ ବୋଲି କହିଥିଲେ। ମନ୍ତ୍ରୀଙ୍କ ସହିତ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେଳ ବିଭାଗର ଉଚ୍ଚ ପଦାଧିକାରୀ, ପଶ୍ଚିମବଙ୍ଗ ତମଲୁକ ଏମ୍ପି ଦିବ୍ୟେନ୍ଦୁ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରେଳମନ୍ତ୍ରୀଙ୍କ ଭୋଗରାଇ ଗସ୍ତ ବେଳେ ପ୍ରବେଶ ପଥ ବଡ଼ମନ୍ଦାରୁଣୀରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଦଳୀୟ ନେତା, କର୍ମୀ ଓ ଶୁଭେଚ୍ଛୁମାନେ ଢୋଲ ବଜାଇ ଫୁଲ ପକାଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନହରା, କମର୍ଦ୍ଦା, ଥାନା ଛକରେ ବରିଷ୍ଠ ଭାଜପା ନେତା ଶକ୍ତିପଦ ପାଣ୍ଡେଙ୍କ ନେତୃତ୍ୱରେ ମନ୍ତ୍ରୀ ଓ ଏମ୍ପିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଚନ୍ଦନେଶ୍ୱରରେ ଭାଜପା ନେତା ଅଂଶୁମାନ ମହାନ୍ତି ଓ ମାନସ ମହାନ୍ତି, ସଞ୍ଜୀବ କୁମାର ସାହୁ ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ। ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଉଭୟ ପାର୍ଶ୍ୱରେ ବରିଷ୍ଠ ନେତା ସୁନୀଲ କୁମାର କର, ଅମଳେନ୍ଦୁ ଦାସ, କୌଶିକ ଚାନ୍ଦ, ରାଜ କୁମାର ଦାସ, ନୀଳକଣ୍ଠ ଘୋଷ ପ୍ରମୁଖ ବହୁ ଦଳୀୟ ନେତା ମନ୍ତ୍ରୀ ଓ ଏମ୍ପିଙ୍କୁ ସ୍ୱାଗତ କରିଥିଲେ।


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ୱାଗତ କରାଯାଉଛି।

# ଶରୀରକୁ ନୀରୋଗ ରଖେ ଯୋଗ



ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଯୋଗ ଦିବସ।

**ବାଲେଶ୍ୱର, ୨୧।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ବୁଧବାର ସକାଳ ସାଢ଼େ ୬ଟା ବେଳେ ବିଶ୍ୱବିଦ୍ୟାଳୟର ଉଦ୍ୟାନରେ ସାମୂହିକ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଯୋଗଗୁରୁ ମନୋରଞ୍ଜନ ପଣ୍ଡା ସମସ୍ତଙ୍କୁ ବିଭିନ୍ନ ଆସନ ପ୍ରାଣାୟମ ସମ୍ପର୍କରେ କହିବା ସହିତ କରି ଦେଖାଇଥିଲେ। ଯୋଗ ମନୁଷ୍ୟକୁ ଉଭୟ ଶାରିରୀକ ଓ ମାନସିକ ଶାନ୍ତି ଦେବାସହ ଶରୀରକୁ ନୀରୋଗ ରଖିବାରେ ସାହାଯ୍ୟ କରେ ବୋଲି କହିଥିଲେ ଏବଂ ବିଭିନ୍ନ ପ୍ରକାର ଆସନର ଉପକାରିତା ସମ୍ପର୍କରେ ମଧ୍ୟ ବୁଝାଇ କହିଥିଲେ।

କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେସ ଚନ୍ଦ୍ର ଅଧିକାରୀ, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମିଂ ଅଫିସର ଡ. ପ୍ରତିମା ପ୍ରଧାନ, ଡ. ଜଗନ୍ନାଥ ବେହେରା, ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନର ଅଧ୍ୟାପକ ଡ. ସୁଜେନ୍ଦୁ କୁମାର ଦେ, ଅନୀଲ କୁମାର ମହାପାତ୍ର ଏବଂ ବିଶ୍ୱବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ସଭାକୁ ସଫଳ କରିଥିଲେ। ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ


ଭଦ୍ରକରେ ଯୋଗାଭ୍ୟାସ କରାଯାଉଛି।

**ଭଦ୍ରକ(ସନାତନ ରାଉତ)/ଚାନ୍ଦବାଲି (ଅଶୋକ ପଣ୍ଡା),୨୧।୬**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବୁଧବାର ପୂର୍ବାହ୍ନରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ଜିଲା ଯୋଗ ସମିତି ପକ୍ଷରୁ ଆୟୋଜିତ ଯୋଗ ଶିବିରରେ ଯୋଗ ଗୁରୁ ଧରଣୀଧର କର ଯୋଗର ବିଭିନ୍ନ ଆସନ ଶିଖାଇବା ସହ ରୋଗ ପାଇଁ ଯୋଗର ଉପକାରିତା ବୁଝାଇଥିଲେ। ଯୋଗ ଶିକ୍ଷକ ସଞ୍ଜୀବ ନାୟକ, ସ୍ମିତା ଆଇଚ, ଅଭିଲିପସା ସାହୁ, ବସନ୍ତ ଖିଲାର ଯୋଗ ଶିକ୍ଷାରେ ସହାୟତା କରିଥିଲେ। ସମିତିର ଅମ୍ବିକା ପ୍ରସନ୍ନ ଦାଶ, ବିକାଶ ପାଢୀ, ସ୍ୱାଧବନ ସୁନ୍ଦର ଦାଶଙ୍କ ପରିଚାଳନାରେ ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଡା. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗାଭ୍ୟାସ କରିଥିଲେ। ସେହିପରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ମେଡିକାଲ ଅଫିସର୍ ଡ. ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚାନ୍ଦବାଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ବାଉଁଶଗଡା, କରଞ୍ଜମାଳ, ଦୋଳମଣ୍ଡପ, ଓରାସାହି, ଘଣ୍ଟେଶ୍ୱର, ଘଟପୁର, ମାଧପୁର, ଭାଟପଡା, ମତୋ ଏବଂ ଧାମରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ମତୋରେ ମେଡିକାଲ ଅଫିସର ଡ. ସରୋଜିନୀ ପଟ୍ଟନାୟକ ଯୋଗଦିବସର ମୂଳ ତଥ୍ୟ ଉପରେ ଆଲୋକପାତ କରିଥିଲେ। ପରେ ଯୋଗ ଇନଷ୍ଟ୍ରକ୍ଟର ଦୀପକ ରଞ୍ଜନ ବେହେରା ଯୋଗ ଶିଖାଇବା ସହ ବାର୍ତ୍ତା ପ୍ରଦାନ କରିଥିଲେ। ସମସ୍ତ ଆରୋଗ୍ୟ କେନ୍ଦ୍ରରେ ଯୋଗ ଇନଷ୍ଟ୍ରକ୍ଟରମାନେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

## ନୂତନ ରେଳପଥ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ଖଇରା, ୨୧।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ନୀଳଗିରିଠାରୁ ଖଇରା ଆନନ୍ଦପୁର ଦେଇ କେନ୍ଦୁଝରକୁ ଏକ ନୂତନ ରେଳପଥ ନିର୍ମାଣ ଓ ଖଇରାଠାରେ ବିଏସ୍ଏନ୍ଏଲ ଉପଖଣ୍ଡ ପ୍ରତିଷ୍ଠା କରିବାକୁ ଖଇରାର ବିଭିନ୍ନ ସଙ୍ଗଠନ ତରଫରୁ କେନ୍ଦ୍ର ରେଳ ଓ ଟେଲି ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବି କରିଛନ୍ତି । ମଙ୍ଗଳବାର ମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ଅବସରରେ ଖଇରାର ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି ଓ ଜନଜାଗରଣ ମଞ୍ଚର ସଦସ୍ୟମାନେ ସର୍କିଟ ହାଉସରେ ତାଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିବା ସହ ସ୍ଥାନୀୟ ଜନସାଧାରଣ ଭୋଗୁଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି ସଭାପତି ଉମେଶ ଚନ୍ଦ୍ର ନାୟକ, ସମ୍ପାଦକ ଠାକୁର ରଞ୍ଜିତ ଦାସ, ଆବାହକ ଅଭିରାମ ମହାପାତ୍ର, ଜଗଜାଗରଣ ମଞ୍ଚ ସମ୍ପାଦକ ନିରଞ୍ଜନ ବେହେରା, ଲମ୍ବୋଦର ନାୟକ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଝୁମର ଗୀତରେ ସଚେତନତା

**ରାଇରଙ୍ଗପୁର,୨୧।୬ (ମନୋରଞ୍ଜନ ତିରିଆ)**

ଝାଡ଼ଖଣ୍ଡ ସୀମାନ୍ତକୁ ଲାଗି ରହିଥିବାରୁ ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ଓଡ଼ିଆ ଓ କୁଡୁମାଲୀ ଭାଷାରେ ଝୁମର ନୃତ୍ୟଗୀତର ବେଶ୍ ଆଦର ରହିଛି। ସାରା ଓଡ଼ିଶାରେ ଆଧୁନିକ ଝୁମର ସଙ୍ଗୀତ ଜଗତର ଏକ ପରିଚିତ ଚେହେରା ହେଉଛନ୍ତି ରାଇରଙ୍ଗପୁର ଅଞ୍ଚଳର କିରଣ ମହାନ୍ତ। ସେ ଝୁମର ଗୀତିକାର, କଣ୍ଠଶିଳ୍ପୀ ଏବଂ ସଙ୍ଗୀତକାର ମଧ୍ୟ। ଝୁମର ନୃତ୍ୟଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରି ଚାଲିଛନ୍ତି। କିରଣଙ୍କ ଲୋକପ୍ରିୟ ଝୁମର ଗୀତଗୁଡ଼ିକ ହେଲା ‘ଚମକେଇ ଦେଲା ମୋଦି ସରକାର’, ‘ମୟୂରଭଞ୍ଜ ଦିଶେ କି ସୁନ୍ଦର’, ‘ଝାଡୁ ମାରିଲେ ହେବ କି ସ୍ୱଚ୍ଛ ଭାରତ’, ‘ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବୁ’, ‘ଝିଅକୁ ନାହିଁ ଦେବ କେବେ ମୋବାଇଲ୍ ଫୋନ୍’, ‘ରାଇରଙ୍ଗପୁରେର୍ ଦିଦି ହୋଇଲ ରାଷ୍ଟ୍ରପତି’, ‘ସୁନ୍ ସୁନ୍ ଦ୍ରୌପଦୀ ଦିଦିର ଦୁଃଖେର କଥା’ ଇତ୍ୟାଦି। ରାଇରଙ୍ଗପୁର ନିକଟସ୍ଥ ରାଖାସାହି ସରକାରୀ ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟ କରୁଥିବା କିରଣଙ୍କ ଝୁମର ଗୀତର ସ୍ୱତନ୍ତ୍ରତା ରହିଛି। ଝୁମର ମାଧ୍ୟମରେ ସେ ମନୋରଞ୍ଜନ ସହିତ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି। ଯାହାକି ଅନ୍ୟ ଝୁମର ଶିଳ୍ପୀମାନଙ୍କଠାରେ ପ୍ରାୟତଃ ଦେଖାଯାଏ ନାହିଁ। ୟୁଟ୍ୟୁବ୍‌ରେ ତାଙ୍କର ପାଖାପାଖି ୧୦୦ଟି ଝୁମର, ଟୁସୁଗୀତ (ମକର ଗୀତ) ରହିଛି। ରାଇରଙ୍ଗପୁରଠାରେ ତାଙ୍କର ‘ରିଅଲ୍ ଝୁମର ମେଲୋଡ଼ି’ ନାମରେ ନିଜସ୍ୱ ଝୁମର ଦଳ ରହିଛି।


କିରଣ ମହାନ୍ତ।

ରାଇରଙ୍ଗପୁର ବ୍ଲକ ସାନପାଖଣା ପଞ୍ଚାୟତର ବାଦଡ଼ା ଗ୍ରାମର ବାସିନ୍ଦା କିରଣ ମହାନ୍ତଙ୍କର ୧୯୭୪ ଜୁଲାଇ ୧୦ରେ ଜନ୍ମ। କିରଣଙ୍କ ବାପା ମନୋହର ମହାନ୍ତ ବହଳଦାସ୍ଥିତ କୀଚେକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ପିଅନ ଥିଲେ। ସରକାରଙ୍କ ସପକ୍ଷରେ ‘ଆମର ଦରକାର ନବୀନ ସରକାର’ ଏବଂ ସରକାରଙ୍କ ବିପକ୍ଷରେ ‘ଚାଉଳ ଦେଖି ଭୋଟ ଦେବା ନାହିଁ’ ଗୀତଗାଇ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ଆଗକୁ ଅନ୍ଧବିଶ୍ୱାସ, କୁସଂସ୍କାର ଦୂର ପାଇଁ ଝୁମର ଗୀତ, ନୃତ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ ଜାରି ରଖିବେ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ କାଟ ପ୍ରତିବାଦରେ ସେକ୍ସନ ଅଫିସ ଘେରାଉ

**ବୈଶିଙ୍ଗା,୨୧।୬(ରତନ ଦାଶ)**

ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ବୈଶିଙ୍ଗା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ ଅଫିସ ଘେରାଉ କରାଯାଇଛି। ବିଧାୟକ ସନାତନ ବିଜୁଳିଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ସମାବେଶରେ ବିଧାୟକଙ୍କ ସମେତ ରଘୁନାଥ ପ୍ରଧାନ, ସୁବାସ ଚନ୍ଦ୍ର ପଣ୍ଡା, ସବ୍ୟସାଚୀ ପଣ୍ଡା, ଲକ୍ଷ୍ମୀଧର ଦଣ୍ଡପାଟ, ବ୍ରଜମୋହନ ବେହେରା, ରତିକାନ୍ତ ମହାନ୍ତ, ପ୍ରଶାନ୍ତ ସାମଲ, ଉମାକାନ୍ତ ରାଉତ, ତପନ ମହାନ୍ତ, କେନ୍ଦୁଆ ପଞ୍ଚାୟତର ସରପଞ୍ଚ ମନମୋହନ ମାଝି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଓ ଟାଟା ପାୱାର କମ୍ପାନୀ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା ଯୋଗୁ ଲୋକେ ସମସ୍ୟା ଭୋଗୁଥିବା କହିଥିଲେ। ସେକ୍ସନ ଅଫିସର ପ୍ରଶାନ୍ତ କୁମାର ନାୟକ ବିକ୍ଷୋଭସ୍ଥଳକୁ ଆସି ଉପଭୋକ୍ତାମାନଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଥିଲେ।


ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭାଜପା ନେତା ଓ କର୍ମୀମାନେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ, ସମସ୍ୟା ଶୁଣିଲେ ବିଧାୟିକା

**୬ ତମ ପଞ୍ଚାୟତ ସମିତି ବୈଠକ**

**ଯୋଡ଼ା,୨୧।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ବୁଧବାର ୬ ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇ ବ୍ଲକ୍‌ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ କୃଷି, ଉଠା ଜଳସେଚନ, ଗ୍ରାମ୍ୟ ଜଳଯୋଗାଣ, ଖାଦ୍ୟ, ମୋ ଘର ଯୋଜନା, ପଶୁ ପାଳନ, ଓଡ଼ିଶା ଜୀବିକା ମିଶନ ଶକ୍ତି, ବାର୍ଦ୍ଧକ୍ୟ ଭତ୍ତା ବିଷୟରେ ଆଲୋଚନା କରି ସମସ୍ୟା ବିଷୟ ବୁଝିଥିଲେ। ବିଧାୟିକା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ବୁଝିବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନଙ୍କଠାରୁ ବୁଝିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୁ ରାଣୀ ପଣ୍ଡା ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପ୍ରଦାନ କରି ସଚେତନ କରାଇଥିଲେ। ଜନ୍ମ ଓ ମୃତ୍ୟୁପ୍ରମାଣ ପତ୍ର ଲୋକେ ସହଜରେ କିପରି ପାଇ ପାରିବେ, ଏ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବୈଠକରେ ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

# ବାଲି ଚାଲାଣ ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

**ରାଇବଣିଆ, ୨୧।୬(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଦେଇଯାଇଥିବା ସୁବର୍ଣ୍ଣରେଖା ଅବବାହିକାରେ ଚାଲିଛି ବେଧଡକ ବାଲି ଚୋରାଚାଲାଣ। ବାଲି ସଇରାତ ଥିବା ଅଞ୍ଚଳର ସବୁ ରାସ୍ତାରେ ବାଲି ମାଫିଆମାନେ ସରକାରଙ୍କ ତରଫରୁ ନିୟୋଜିତ କର୍ମଚାରୀଙ୍କୁ ଜଗି ରହୁଛନ୍ତି। ଜଳେଶ୍ୱର ବ୍ଲକ ମାଳିପାଳ, ଗୁଆଗଡ଼ିଆ, ବେହେରାସାହି ଅଞ୍ଚଳରେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ବୁଧବାର ଏନଫୋର୍ସମେଣ୍ଟ ଟିମ୍ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୭ଟି ଟ୍ରାକ୍ଟର ଜବତ ହୋଇଛି।

ବ୍ଲକର ଜମାଲପୁର ବାଲି ସଇରାତକୁ ଛାଡ଼ି ଦେଲେ ପ୍ରଶାସନ ପକ୍ଷରୁ ଅନ୍ୟ ସମସ୍ତ ବାଲିଖାଦାନ ବନ୍ଦ ରଖାଯାଇଛି। ବାଲି ଆବଶ୍ୟକତାକୁ ଲକ୍ଷ୍ୟ କରି ଚୋରା ବେପାରୀମାନେ ରାତିରେ ନଦୀରୁ ଶହ ଶହ ଟ୍ରିପ୍ ବେଆଇନ ବାଲି ଉଠାଇ ଚଢ଼ା ଦରରେ ବିକ୍ରି କରୁଛନ୍ତି। ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ବୁଧବାର ସକାଳେ ଜିଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଏକ ୧୦ଜଣିଆ ପ୍ରତିନିଧି ଦଳ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ପହଞ୍ଚି ଚଢ଼ାଉ କରି ୭ଟି ଟ୍ରାକ୍ଟରକୁ ଜବତ କରି ତହସିଲ ପରିସରରେ ରଖିଛନ୍ତି। ସେହିପରି ଗତ ମଙ୍ଗଳବାର ଜଳେଶ୍ୱର ଏସ୍‌ଡିପିଓଙ୍କ ନେତୃତ୍ୱରେ ୫ଟି ଟ୍ରାକ୍ଟର ଜବତ କରାଯିବା ସହ ଡ୍ରାଇଭର ଓ ଗାଡ଼ି ମାଲିକଙ୍କୁ କୋର୍ଟଚାଲାଣ କରାଯାଇଥିଲା।


ଜବତ ଟ୍ରାକ୍ଟର।

# ସଂଘବଦ୍ଧ ଆକ୍ରମଣ, ଘରେ ପଶି ଭଙ୍ଗାରୁଜା

**ତିହିଡ଼ି,୨୧।୬(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତର କେଳାସାହି ଗ୍ରାମରେ ମଙ୍ଗଳବାର ରାତିରେ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଗୋଟିଏ ପରିବାରର ସଦସ୍ୟଙ୍କ ଉପରେ ଅନ୍ୟ କେତେକ ପରିବାର ସଦସ୍ୟ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିସହ ସେହି ପରିବାରର ବାଇକ୍, ଟିଭି, ଫ୍ରିଜ୍ ସମେତ ଅନ୍ୟ ଆସବାବପତ୍ରକୁ ସେମାନେ ପିଟି ଭାଙ୍ଗିବା ସହ ବାଇକ୍ ୨ଟିକୁ ନଈକୁ ଫିଙ୍ଗି ଦେଇଛନ୍ତି। ପୀରହାଟ ଥାନାରେ ଏ ସମ୍ପର୍କରେ ପୃଥକ ଅଭିଯୋଗ ହେବା ପରେ ୨ଟି ମାମଲା (ନଂ.୧୧୪/୨୩ ଓ ୧୧୫/୨୩ ) ରୁଜୁ ହୋଇଛି। ଖବର ପାଇ ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ କେଳାସାହି ଗ୍ରାମକୁ ମଙ୍ଗଳବାର ରାତିରେ ଯାଇ ଘଟଣାର ତଦନ୍ତ କରିଛନ୍ତି। ମାତ୍ର ଗାଁ ପୁରୁଷ ଶୂନ୍ୟ ହୋଇଥିବାରୁ କାହାକୁ ଗିରଫ କରିବା ସମ୍ଭବ ହୋଇ ନ ଥିବା ପୀରହାଟ ଥାନା ଆଇଆଇସି ଗୟାଧର ବେହେରା କହିଛନ୍ତି।

## କେଳାସାହି ଗାଁ ପୁରୁଷ ଶୂନ୍ୟ

ସୂଚନା ଅନୁଯାୟୀ, କେଳାସାହି ଗ୍ରାମରେ କିଛି ପରିବାର ସରକାରୀ ଜାଗାକୁ ଜବରଦଖଲ କରିବା ଏବଂ ଗ୍ରାମର ଅନ୍ୟ କିଛି ଅନୈତିକ ଘଟଣାକୁ ସେହି ଗ୍ରାମର ବୁଦ୍ଧିରାମ ଦାସଙ୍କ ପୁଅ ଗଗନ ବିରୋଧ କରି ଆସୁଥିଲେ। ଯାହାଫଳରେ ଗଗନଙ୍କ ପରିବାରକୁ ଗାଁରେ ନିଆପାଣି ବାସନ୍ଦ କରାଯାଇ ଏକଘରକିଆ କରାଯାଇଥିଲା। ଏପରିକି ଏନେଇ ବିଭିନ୍ନ ସମୟରେ ଗଗନଙ୍କ ପରିବାର ସହ ସମସ୍ତ ପରିବାରର କଳହ ଲାଗି ରହିଥିଲା ଏବଂ ପରେ ପୀରହାଟ ଥାନାରେ ଏହାର ସମାଧାନ ହୋଇଥିଲା। ଗଗନଙ୍କ ବାପା ବୁଦ୍ଧିରାମଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୭.୩୦ରେ ତାଙ୍କ ପୁଅ ଜଣେ ସମ୍ପର୍କୀୟଙ୍କ ସହ କଥା ହେଉଥିବା ବେଳେ ଗ୍ରାମର କିଛି ଲୋକ ଏହାକୁ ବିରୋଧ କରିଥିଲେ। ପରେ ସେହି ବ୍ୟକ୍ତିମାନେ ସଂଘବଦ୍ଧ ହୋଇ ତାଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ସେମାନେ ଘରେ ପଶି ବାଇକ୍, ଟିଭି, ଫ୍ରିଜ, ଗୋଦରେଜ ଓ ଅନ୍ୟ ଆସବାବପତ୍ର ଭଙ୍ଗାରୁଜା କରିବା ସହ ସୁନା ଅଳଙ୍କାର ଲୁଟ କରି ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ପାଇ ପୀରହାଟ ଥାନା ଆଇଆଇସି ବେହେରା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଧିକ ଉତ୍ତେଜନା ଆଶଙ୍କାରେ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଅପରପକ୍ଷେ ଗ୍ରାମର ସର୍ବେଶ୍ୱର ଦାସଙ୍କ ଅଭିଯୋଗ କ୍ରମେ ବୁଦ୍ଧିରାମ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି।

## ବଜ୍ରପାତରେ ଜଳିଗଲା ୪ ବଖରା

**ଖଇରା, ୨୧।୬(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଜୟୀଗଡ ଗ୍ରାମରେ ବୁଧବାର ଅପରାହ୍ଣରେ ବଜ୍ରପାତ ହୋଇ ଗୟାଧର ସେଠୀଙ୍କର ୪ବଖରା ଘର ଜଳିଯାଇଛି। ଏଥିରେ ତାଙ୍କର ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ବିଲରେ ଟଳି ପଡ଼ିଲେ ଚାଷୀ

**ପାଟଣା,୨୧।୬(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଯମୁନାପଶି ଗ୍ରାମରେ ଜଣେ ଚାଷୀଙ୍କ ମଙ୍ଗଳବାର ଅଂଶୁଘାତରେ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ରବୀନ୍ଦ୍ର ମୁଣ୍ଡା(୩୮)। ସେ ପୂର୍ବାହ୍ଣ ୧୦ଟା ବେଳେ ବିଲରେ ଥିବାବେଳେ ଟଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ଥାନା ଏଏସ୍ଆଇ ଧନଞ୍ଜୟ ମୁର୍ମୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୩) ରୁଜୁ ହୋଇଛି। ସେହିପରି ପାଟଣା ମୁଖ୍ୟାଳୟ ସଁରାପଶି ଗ୍ରାମର ଚା' ଦୋକାନୀ ପ୍ରହ୍ଲାଦ ନାଏକଙ୍କ ରବିବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା କୁହାଯାଉଛି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ମାମଲା
### ଅଭିଯୁକ୍ତ କୋର୍ଟ ଚାଲାଣ

**ରୂପସା, ୨୧।୬(ବାଞ୍ଛାନିଧି ଦେ):** ବାଲେଶ୍ୱର ଜିଲା ଅଧୀନ ସିଂଲା ଥାନା ପୋଲିସ ଚଢ଼ାଉ କରି ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ମାମଲାର ଅଭିଯୁକ୍ତ ଏହି ଥାନା ଅଧୀନ କାଦରାୟା ଗ୍ରାମର ସେକ ହଲିମ ଓରଫ ଅଲିମୁଦ୍ଦିନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଗତ ୧୬ ତାରିଖ ସନ୍ଧ୍ୟାରେ କାଦରାୟା ଗ୍ରାମକୁ ବିଦ୍ୟୁତ ତ୍ରୁଟି ସଜାଡ଼ିବା ପାଇଁ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଯାଇଥିଲେ। ସେହି ଗ୍ରାମର ସେକହଲିମ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିବା ରାଜଘାଟ ବିଦ୍ୟୁତ ସେକ୍ସନ ଜେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଥାନାଧିକାରୀ ଶିବ ପ୍ରସାଦ ଭଦ୍ର ଏକ ମାମଲା (ନଂ. ୧୦୬/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲେ।

### ନିରାମୟ ଜୀବନ ପାଇଁ ଯୋଗ ଉପାଦେୟ

**କେନ୍ଦୁଝର,୨୧।୬(ଦୀପକ ମିଶ୍ର):** ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ କେନ୍ଦୁଝର ଷ୍ଟାଡ଼ିୟମଠାରେ ବିଭିନ୍ନ ବର୍ଗର ଲୋକଙ୍କ ସହଯୋଗ, ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ କେନ୍ଦୁଝର ଶାଖା ଆୟୋଜନରେ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସଦର ବିଧାୟକ ମୋହନ ଚରଣ ମାଝି, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ରହି ସୁସ୍ଥ ଓ ନିରାମୟ ଜୀବନ ପାଇଁ ଯୋଗ ଅତ୍ୟନ୍ତ ଉପାଦେୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନ୍ଦୁଝର ପୌରପାଳିକା ଅଧକ୍ଷ ନିକୁ ସାହୁଙ୍କୁ ବିବେକାନନ୍ଦ କେନ୍ଦ୍ର ତରଫରୁ ସଦସ୍ୟ ପ୍ରଭାକର ବେହେରା ଯୋଗ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦିଲ୍ଲୀପ ରାମ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳ ପଣ୍ଡିତ ମଧୁସୂଦନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

### ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା
### ୩ ଗାଡ଼ି ଜବତ, ଜଣେ ଗିରଫ

**କେନ୍ଦୁଝର,୨୧।୬ (ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ କୋଲିମାଟିଠାରେ ଜୁନ୍ ୭ ରେ ବନ କର୍ମଚାରୀଙ୍କ ଉପରେ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ସାନ୍ତରାପୁରର ଏସ୍କେ ଫିରୋଜ। ଘଟଣାରେ ୩ଟି ଗାଡ଼ି ଜବତ ହୋଇଥିବା ଘଟଗାଁ ଥାନା ଅଧିକାରୀ ପ୍ରତିଭା ସାହୁ କହିଛନ୍ତି। ପ୍ରକାଶ ଯେ, ଘଟଣା ଦିନ ରାତିରେ ୩୫ରୁ ଊର୍ଦ୍ଧ୍ୱ କାଠ ମାଫିଆ ବନ ବିଭାଗ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ୩ ବନ କର୍ମଚାରୀ ଆହତ ହୋଇଥିଲେ। ଏହାକୁ ନେଇ ଘଟଗାଁ ରେଞ୍ଜର ପ୍ରଭାତ କୁଅଁର ଘଟଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସାନ୍ତରାପୁର ଅଞ୍ଚଳରୁ ଜଣଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ଅନ୍ୟକାଠ ମାଫିଆମାନେ ଗାଁ ଛାଡ଼ି ଅନ୍ୟ ଅଞ୍ଚଳରେ ଲୁଚି ଛପି ରହିଥିବା ବେଳେ ପୋଲିସ ସେମାନଙ୍କର ପତ୍ତା ପାଉନାହିଁ।

### ଭାଜପା ନେତାଙ୍କ ପରଲୋକ

**ମୋରଡା,୨୧।୬(ସ୍ୱାରକ ମାଜୀ):** ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ଚିତ୍ରଡା ଗ୍ରାମର ଶଶିକାନ୍ତ ବେହେରା (ବଲରାମ-୬୦)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ଭାଜପା ଜିଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୋରଡ଼ା ବ୍ଲକ ଉପାଧକ୍ଷା ଜେମାମଣି ମହାନ୍ତ, ଶିକ୍ଷାବିତ ପ୍ରତିଭା ମଞ୍ଜରୀ ଦାସ, ପ୍ରଦୀପ ମହାନ୍ତି, ନଗେନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ ନେତା, ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଡୁ ଶେଷକୃତ୍ୟ ସମୟରେ ଉପସ୍ଥିତ ଥିଲେ।

# ନିଧିପଣ୍ଡାରେ ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ବାଟ ଫିଟିଲା

- ସର୍ଭେ କରିବାକୁ ଡିଆର୍ଏମ୍ଙ୍କୁ ନିର୍ଦ୍ଦେଶ
- ଉପକୃତ ହେବେ ୧୦ପଞ୍ଚାୟତବାସୀ

**ବାଲେଶ୍ୱର, ୨୧।୬(ମାନସ ବିଶ୍ୱାଳ)**

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ସଦର ବ୍ଲକ ଅଧୀନ ନିଧିପଣ୍ଡା ରେଳଲାଇନ ସ୍ଥାନ ପରିଦର୍ଶନ କରିଛନ୍ତି। ଖଡ଼ଗପୁର ଜୋନ୍ର ବାଲେଶ୍ୱର ଦେଇ ଭୁବନେଶ୍ୱର ଯାଇଥିବା ରେଳପଥର ନିଧିପଣ୍ଡାଠାରୁ ନଗ୍ରମ ପର୍ଯ୍ୟନ୍ତ ରେଳ ବ୍ରିଜ୍ ତଳେ କିମ୍ବା ଉପରେ ଦେଇ ନିକଟସ୍ଥ ଗ୍ରାମକୁ ଯା'ଆସ ପାଇଁ ରାସ୍ତା ନ ଥିବାରୁ ଦୀର୍ଘବର୍ଷ ଧରି ନିଧିପଣ୍ଡା ନିକଟରେ ସ୍ଥାନୀୟ ଲୋକମାନେ ଏକ କୃତ୍ରିମ ରାସ୍ତା କରି ଯା' ଆସ କରନ୍ତି। ଅଳ୍ପ ବର୍ଷା ହେଲେ ଉକ୍ତ ରାସ୍ତା ବୁଡ଼ିଯିବା କାରଣରୁ ଓଲନ୍ଦା, ସିନ୍ଧିଆ, ବଇଁଚା, ପରିଖି, ବାହାବଳପୁର ସମେତ ୧୦ଟି ପଞ୍ଚାୟତର ଲୋକ ଯା'ଆସ କରିବାରେ ହଇରାଣ ହେଉଛନ୍ତି। ଜାତୀୟ ରାଜପଥକୁ ମାତ୍ର ୫୦୦ ମିଟର ଥିବାବେଳେ ସେଠାରେ ପହଞ୍ଚିବା ଲାଗି ଉକ୍ତ ଅଞ୍ଚଳର ଲୋକଙ୍କୁ ୨୦ରୁ ୨୫ କି.ମି. ରାସ୍ତା ବୁଲିବାକୁ ପଡୁଛି। ଯାତାୟାତ ସମସ୍ୟା ସମାଧାନ ଲାଗି ଦୀର୍ଘଦିନ ଧରି ରେଳ ମନ୍ତ୍ରଣାଳୟ ନିକଟରେ ଉକ୍ତ ରାସ୍ତା ଉପରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଆସୁଥିଲେ।

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ଯୁବନେତା ମାନସ ଦତ୍ତ ଏବଂ ଜିଲା ପରିଷଦ ସଦସ୍ୟ ଗୟାଧର ବେହେରାଙ୍କ ମିଳିତ ନେତୃତ୍ୱରେ ନିଧିପଣ୍ଡାଠାରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପାଇବା ପରେ ବୁଧବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେଳ ବିଭାଗର ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ, ଡିଆର୍ଏମ୍ ଏସ୍କେ ହାସମି ଉକ୍ତ ସ୍ଥାନକୁ ପରିଦର୍ଶନ କରି ସ୍ଥିତି ଉପରେ ସମୀକ୍ଷା କରିଥିଲେ। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ସମସ୍ୟା, ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କ କଥା ଶୁଣି ପୋଲ ନିର୍ମାଣ ଦିଗରେ ସର୍ଭେ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ଉପସ୍ଥିତ ରେଳ ଅଧିକାରୀଙ୍କୁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ହଳଦୀପଦା ଷ୍ଟେଶନରେ ବାରିପଦା ବାଙ୍ଗିରିପୋଷି ସୁପରଫାଷ୍ଟ ଏକ୍ସପ୍ରେସର ରହଣି ଦାବିକୁ ଖୁବ୍ଶୀଘ୍ର ବିଚାରକୁ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ସରପଞ୍ଚ ଆରତୀ ଦାସ ଓ ରବିନାରାୟଣ ପ୍ରଧାନ, ସମିତିସଭ୍ୟା ରଶ୍ମିତା ନାୟକ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ଆର୍ସିଏମ୍ଏସ୍ ସଭାପତି ସର୍ବେଶ୍ୱର ମହାନ୍ତି, ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ସଭାପତି ଘନ ଗିରି ଓ ସଦସ୍ୟ ଜୁନା କାନୁନ୍ଗୋ ପ୍ରମୁଖ ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।


ନିଧିପଣ୍ଡା ନିକଟରେ ଓଭରବ୍ରିଜ୍ ନେଇ ରେଳ ମନ୍ତ୍ରୀଙ୍କ ଆଲୋଚନା।

# 'ସ୍ୱଚ୍ଛ ମାନସିକତା ଆଣେ ଯୋଗ'


ପରମିଟ୍ ପଡ଼ିଆରେ ଆୟୋଜିତ ଯୋଗ ଶିବିରରେ ରେଳମନ୍ତ୍ରୀ ଓ ଅନ୍ୟମାନେ।

**ବାଲେଶ୍ୱର, ୨୧।୬ (ମାନସ ବିଶ୍ୱାଳ)**

### ଯୋଗ ଶିବିରରେ ସାମିଲ ହେଲେ ରେଳମନ୍ତ୍ରୀ

ବାଲେଶ୍ୱର ସହର ପରମିଟ୍ ପଡ଼ିଆରେ ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ପକ୍ଷରୁ ବୁଧବାର ନବମ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ବିଶାଳ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଶିବିରକୁ ଉଦ୍ଘାଟନ କରି ବ୍ୟକ୍ତି ମାନସିକତାରେ ସ୍ୱଚ୍ଛତା ଆଣିବାରେ ଯୋଗ ହିଁ ଉଚିତ୍ ମାଧ୍ୟମ ହୋଇପାରିବ। କେବଳ ଗୋଟିଏ ଦିନ ପରିବର୍ତ୍ତେ ଦୈନିକ ଅଭ୍ୟାସରେ ଯୋଗ ଓ ପ୍ରାଣାୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଦକ୍ଷିଣପୂର୍ବ ରେଳପଥ ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ, ଖଡ଼ଗପୁର ରେଳ ଡିଭିଜନ ଡିଆରଏମ ଏସ. କେ. ହାସମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗ ବିଜ୍ଞାନକୁ ଆପଣେଇ ପାରିଲେ ଆନ୍ତରିକ ଶୁଦ୍ଧତା ଆସିବା ସହ ସମଗ୍ର ବିଶ୍ୱ ଗୋଟିଏ ପରିବାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନ୍ୟୁୟର୍କରୁ ଭିଡ଼ିଓ କନଫେରେନ୍ସିଂ ମାଧ୍ୟମରେ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ସାମୂହିକ ଯୋଗାଭ୍ୟାସ କରାଯାଇଥିଲା। ରେଳ ବିଭାଗ ଓ ରେଳ ସୁରକ୍ଷା ବଳର କର୍ମଚାରୀଙ୍କ ସମେତ ବାଲେଶ୍ୱର ସହର ତଥା ଆଖପାଖ ଅଞ୍ଚଳରୁ ବହୁ ଲୋକ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ରେଳବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ସ୍କୁଲରେ ତାଲା ପକାଇ ଧାରଣା



ଧାରଣାରତ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ।

**ତିହିଡ଼ି,୨୧।୬(ସଞ୍ଜିତ ବଳ)**

### ପ୍ରଧାନଶିକ୍ଷକଙ୍କ ବଦଳି ଦାବି

ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତ ଅଧୀନ ଦପା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲ କାର୍ଯ୍ୟାଳୟରେ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି ) ସଭ୍ୟ, ଅଭିଭାବକମାନେ ତାଲା ପକାଇ ଧାରଣା ଦେଇଥିଲେ। ସ୍କୁଲରେ ହୋଇଥିବା ବିଭିନ୍ନ ଅନିୟମିତତାରେ ସମ୍ପୃକ୍ତ ଥିବା ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ଦାସଙ୍କ ବଦଳି ଦାବିରେ ଏହି ପଦକ୍ଷେପ ନିଆଯାଇଛି।

ଅଭିଯୋଗ ଅନୁଯାୟୀ, ସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାସ ଦାୟିତ୍ୱ ତୁଲାଇ ଆସୁଥିଲେ। ତେବେ ଲେବଲ-୩କୁ ପଦୋନ୍ନତି ପରେ ତାଙ୍କୁ ପ୍ରଧାନଶିକ୍ଷକ ଭାବେ ସେହି ସ୍କୁଲରେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଏସ୍ଏମ୍ସି ଚେୟାରମ୍ୟାନଙ୍କ ସମେତ ସଭ୍ୟ ଓ କେତେକ ଅଭିଭାବକ ଏହାକୁ ବିରୋଧ କରିଥିଲେ। ସେମାନେ ପ୍ରଧାନଶିକ୍ଷକ ଦାସଙ୍କ ଅନ୍ୟତ୍ର ବଦଳି ପାଇଁ ଗତ ୨୪।୪।୨୩ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଗତ ୫।୫।୨୩ ତାରିଖରେ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ ଦାସ ମଧ୍ୟାହ୍ନଭୋଜନ, ପୋଷାକ ବଣ୍ଟନ ସମେତ ଅନ୍ୟାନ୍ୟ ଅନିୟମିତତାରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ତେବେ ପ୍ରଧାନଶିକ୍ଷକଙ୍କ ବଦଳି ନ ହେବାରୁ ସେମାନେ ଅସନ୍ତୋଷ ପ୍ରକାଶ କରି ବୁଧବାର ପୂର୍ବାହ୍ଣରେ ପ୍ରଥମେ ସ୍କୁଲ ଗେଟରେ ତାଲା ପକାଇଥିଲେ। ପିଲାମାନେ ପଢ଼ିବାକୁ ସ୍କୁଲକୁ ଆସି ଗେଟ ବାହାରେ ଠିଆହୋଇ ରହିଥିଲେ। ପରେ ଗେଟର ତାଲା ଖୋଲା ଯାଇଥିଲେ ମଧ୍ୟ କାର୍ଯ୍ୟାଳୟ ଓ କିଛି ଶ୍ରେଣୀରେ ତାଲା ପକାଯାଇ ଧାରଣା ଦିଆଯାଇଥିଲା। ଏସ୍ଏମ୍ସି ଚେୟାରମ୍ୟାନ ଦିଲ୍ଲୀପ କୁମାର ଦାସ, ସଦସ୍ୟ ଆଶିଷ କୁମାର ଦାସ, ବାବୁରାମ ବେହେରା, ମାନସ ଦାସ, ଚନ୍ଦ୍ରମଣି ଦାସ, କୁନ୍ତଳା ଦାସ, ମିତା ଦାସ, ପଙ୍କଜିନୀ ଦାସ, ମଞ୍ଜୁଲତା ଦାସଙ୍କ ସମେତ ଗାଁ ମୁଖିଆ ଜଳଧର ବେହେରା, ଅଭିଭାବକ ପଦ୍ମନାଭ ଦାସ, ବନମାଳି ଦାସ, ସନାତନ ଦାସ, କାର୍ତ୍ତିକ ଦାସ, ସାଧୁଚରଣ ଦାସ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦାମୋଦର ଜେନା ସ୍କୁଲକୁ ଯାଇ ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ନୂତନ ବ୍ଲକ ଶିକ୍ଷାଧିକାରୀ ଗୁରୁବାର କାର୍ଯ୍ୟରେ ଯୋଗଦେବା ପରେ ଏ ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ମହିଳା ଶ୍ରଦ୍ଧାଳୁ ଟାଣିଲେ ରଥ

**ଉଦଳା,୨୧।୬ (ସନ୍ତୋଷ କୁମାର ବାଞ୍ଛିନୀ)**

ଉଦଳାଠାରେ ଦୁଇ ଦିନିଆ ରଥଟଣା କାର୍ଯ୍ୟକ୍ରମ ବୁଧବାର ସମ୍ପନ୍ନ ହୋଇଛି। ପ୍ରଥମ ଦିବସରେ ଜଗନ୍ନାଥ ମନ୍ଦିରର ନୀତିକାନ୍ତି ପରେ ଶ୍ରୀ ଜୀଉଙ୍କୁ ପହଣ୍ଡି ବିଜେ କରାଯାଇଥିଲା। ଇଂ. ସୁବାଷ ଚନ୍ଦ୍ର ପଣ୍ଡା ଛେରା ପହଁରା କରିଥିଲେ। ପ୍ରଥମ ଦିନ ରଥାରୂଢ ଦିଅଁଙ୍କ ରଥକୁ ପୁରୁଷ ଶ୍ରଦ୍ଧାଳୁମାନେ ଟାଣି ହନୁମାନ ମନ୍ଦିର ଛକରେ ପହଞ୍ଚାଇଥିଲେ। ବୁଧବାର ଅପରାହ୍ଣରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଜାର ହଜାର ମହିଳା ଶ୍ରଦ୍ଧାଳୁ ରଥ ଟାଣି କଲେଜ ରୋଡ୍ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ। ରଥ ପରିଚାଳନା କମିଟିର ସଭାପତି ସୋମନାଥ ସାହୁ, ସମ୍ପାଦକ ଲକ୍ଷ୍ମଣ ନାୟକ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ।

# ଦୁର୍ଗାପୂଜା ମଣ୍ଡପ ପ୍ରତିଷ୍ଠା ଉତ୍ସବ

**ଢେଙ୍କିକୋଟ,୨୧।୬(ନୀଳମଣୀ ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରସ୍ଥିତ ବ୍ୟୟବହୁଳ ଦେବୀ ଦୁର୍ଗାପୂଜାର ସ୍ଥାୟୀ ପୂଜା ମଣ୍ଡପ ବୁଧବାର ପ୍ରତିଷ୍ଠା ହୋଇଯାଇଛି। କେନ୍ଦୁଝର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଠାକୁରାଣୀଙ୍କଠାରୁ ଆଜ୍ଞାମାଳ ଆସିଥିଲା। ଆଜ୍ଞାମାଳକୁ ସଂକଳ୍ପଧାରୀ ଗୌରୀଶଙ୍କର ମୁଣ୍ଡୁଡ଼ା ଢେଙ୍କିକୋଟ ବଜାର ମଧ୍ୟରୁ ରୋଷାଣୀରେ ମଣ୍ଡପକୁ ପାଛୋଟି ନେଇଥିଲେ। ପରେ କଳସ ପୂଜା, ସୂର୍ଯ୍ୟ ପୂଜା ସରିବା ପରେ ମଣ୍ଡପରେ କର୍ତ୍ତା ନାରାୟଣ ବେହେରା ସସ୍ତ୍ରୀକ ସଂକଳ୍ପରେ ଯଥାବିଧି ପୂଜା ପାଠ କରିଥିଲେ। ମୁଖ୍ୟ ପୂଜକ ପ୍ରଦୀପ ଦାସ, ଚଣ୍ଡୀପାଠ ପୂଜକ ମାନସ ପତି, ପୂଜକ ପୁରୁଷୋତ୍ତମ ପଣ୍ଡା, ନକୁଳ ପାଣିଗ୍ରାହୀ ମନ୍ତ୍ର ପାଠ କରି ପ୍ରତିଷ୍ଠା କରିଛନ୍ତି। ପୂଜା କମିଟିର ଉପଦେଷ୍ଟା ଉତ୍ତମ ନାୟକ, ଉପ ସଭାପତି କୁନା ସାହୁ, ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧକ୍ଷ ରବିନ୍ଦ୍ର ମହାପାତ୍ରଙ୍କ ସମେତ କମିଟିର ଗତିକୃଷ୍ଣ ଦଳେଇ, ଅକ୍ଷୟ ମହାନ୍ତ, ଅରୁଣ ବେହେରା, ଗାମା ଦଳେଇ, ବୁବୁ ସାହୁ, ଅଭି ପଲେଇ, ବିଶ୍ୱନାଥ ରଣା, ଶ୍ରୀକାନ୍ତ ସାହୁ, ସରୋଜ ମହାନ୍ତ ପ୍ରମୁଖ ୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବାହାନଗା ରେଳଷ୍ଟେଶନ କାର୍ଯ୍ୟକ୍ଷମ ଖୁବ୍ଶୀଘ୍ର: ସିପିଆର୍ଓ

**ବାଲେଶ୍ୱର, ୨୧।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାକୁ ୧୯ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ ଉକ୍ତ ରୁଟ୍ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରିନି। ହାତଗଣତି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଥିବା ବେଳେ ଅନେକ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ ଅଛି। ସେହିପରି କିଛି ଟ୍ରେନ୍ର ଗତିପଥକୁ ବଦଳାଯାଇଛି। ଅନ୍ୟପଟେ ଦୁଇଟି ପାସେଞ୍ଜରକୁ ଛାଡ଼ିଦେଲେ ବାକି ସବୁ ପାସେଞ୍ଜର ବନ୍ଦ ରହିଛି।

ଏନେଇ ଦକ୍ଷିଣପୂର୍ବ ରେଳପଥ ସିପିଆର୍ଓ ଆଦିତ୍ୟ ଚୌଧୁରୀଙ୍କ ସୂଚନା ଅନୁସାରେ, ଦୁର୍ଘଟଣା କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ଟ୍ରାକ୍ର ମରାମତି ଶେଷ ହୋଇଛି। ସିବିଆଇ ଦ୍ୱାରା ସିଲ୍ ହୋଇଥିବା ରିଲେ ଓ ପ୍ୟାନେଲ ରୁମ୍କୁ ଖୋଲାଯାଇଛି। ସିଗ୍ନାଲ ପୁନଃ କାର୍ଯ୍ୟକ୍ଷମ ହେବା ପାଇଁ କାର୍ଯ୍ୟ ଜାରି ରହିଛି। ଖୁବ୍ଶୀଘ୍ର ବାହାନଗା ଷ୍ଟେଶନରେ ପୂର୍ବଭଳି ରେଳ ଅଟକିବ। ଅନ୍ୟପକ୍ଷରେ ଷ୍ଟେଶନ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ସିବିଆଇର ପଚରାଉଚୁରା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା କୌଣସି କର୍ମଚାରୀ କିମ୍ବା ଅଧିକାରୀଙ୍କୁ ସିବିଆଇ ଅଟକ କିମ୍ବା ଗିରଫ କରି ନ ଥିବାର ପ୍ରକାଶ କରିଛନ୍ତି।


ସିପିଆର୍ଓ ଆଦିତ୍ୟ ଚୌଧୁରୀ

ସୂଚନାଯୋଗ୍ୟ, ଗତ ଜୁନ୍ ୨ ତାରିଖରେ ଘଟିଥିବା ବାହାନଗା ଟ୍ରେନ ଦୁର୍ଘଟଣାରେ ୨୯୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧ହଜାରରୁ ଊର୍ଦ୍ଧ୍ୱ ଆହତ ଓ ଗୁରୁତର ହୋଇଛନ୍ତି। ରେଳମନ୍ତ୍ରୀଙ୍କ ସୁପାରିସ୍ କ୍ରମେ ସିବିଆଇ ଏହି ଭୟାନକ ଟ୍ରେନ ଦୁର୍ଘଟଣାର ତଦନ୍ତ କରୁଛି। ଏଯାଏ ଷ୍ଟେଶନ ମ୍ୟାନେଜରଙ୍କ ସହ ୧୨ଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏକାଧିକ ଥର ପଚରାଉଚୁରା କରିବା ସହ ବୟାନ ରେକର୍ଡ଼ କରିଛନ୍ତି। ଗତ ସୋମବାର ସୋର ସେକ୍ସନ ସିଗନାଲ ଜେଇ ଅମିର ଖାନଙ୍କ ସୋର କମରପୁର ସ୍ଥିତ ଭଡ଼ା ଘରକୁ ସିବିଆଇ ସିଲ୍ କରିଥିବା ବେଳେ ମଙ୍ଗଳବାର ଜେଇଙ୍କ ଉପସ୍ଥିତିରେ ୬ ଜଣିଆ ସିବିଆଇ ଟିମ୍ ଘରର ସିଲ ଖୋଲିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ତନାଘନା ପରେ ଜେଇଙ୍କୁ ପୁଣି ଥରେ ହେପାଜତକୁ ନେବା ସହିତ କିଛି ଦରକାରୀ କାଗଜପତ୍ର ସିବିଆଇ ଟିମଥ ନେଇଛି। ଏନେଇ ସିପିଆର୍ଓ ଆଦିତ୍ୟ ଚୌଧୁରୀଙ୍କୁ ପଚାରିବାରୁ କାହାରିକୁ ଗିରଫ କରାଯିବା ତଥା ଅଟକ ରଖାଯାଇ ନ ଥିବା କହିବା ସହ ସିବିଆଇ ଏବଂ ବିଭାଗୀୟ ଅଧିକାରୀ ଏହାର ତଦନ୍ତ ପାଇଁ କର୍ମଚାରୀମାନଙ୍କ ସହାୟତା ଲୋଡୁଥିବା ପ୍ରକାଶ କରିଥିଲେ।

# ଭାଇଚାରାକୁ ସୁଦୃଢ଼ କରେ ରଜପର୍ବ

**ଭଦ୍ରକ,୨୧।୬(ରବିନାରାୟଣ ଖିଲାର)**

### ସରିଲା ରଜ ମହୋତ୍ସବ

ଭଦ୍ରକ ସହରର ସର୍ବପୁରାତନ ଅନୁଷ୍ଠାନ କଦମବେଡ଼ାସ୍ଥିତ ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର କମିଟି ପକ୍ଷରୁ ସାତ ଦିନବ୍ୟାପୀ ଅନୁଷ୍ଠିତ ରଜ ମହୋତ୍ସବ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। କମିଟିର ଆବାହକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭଦ୍ରକ ସିଟି ଡିଏସ୍ପି ଅଂଶୁମାନ ଦିୱେଦି ଯୋଗଦେଇ ଅଞ୍ଚଳରେ ପାଳିତ ହେଉଥିବା ରଜ ପର୍ବ, ଉତ୍ସବ ଭାଇଚାରାକୁ ସୁଦୃଢ଼ କରିଥାଏ ବୋଲି କହିଥିଲେ। ବରେଣ୍ୟ ଅତିଥିଭାବେ ଶିକ୍ଷାବିତ୍ ବାଇଧର ସାହୁ, ସାହିତ୍ୟିକ ବିଜୟ ବହଳି, ସମ୍ମାନିତ ଅତିଥିଭାବେ କଳାକାର ଗୌରାଙ୍ଗ ବାରିକ, କାଉନ୍ସିଲର ଆଶିଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନ୍ସିଲର ଘାଉଲି ଜେନା ପ୍ରମୁଖ ଯୋଗଦେଇ ମହୋତ୍ସବରେ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ଝୋଟି, ମୁରୁଜ, ଶଙ୍ଖ, ମ୍ୟାଜିକ୍ ଚେୟାର ପ୍ରତିଯୋଗିତା ଓ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ରାମ ସୋ ଆଦି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷାବିତ୍ ବାଇଧର ସାହୁ, ତାପସ ନାୟକ, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ଦମୟନ୍ତୀ ରାଉତ, ଶିଳ୍ପୀ ଭୀମ ମାହାଲ, ସୁରେନ୍ଦ୍ର ମାହାଲ, ପିଲା ଗଣେଶ କମିଟି, ଛୁଆ ଗଣେଶ କମିଟି, ଗଜାନନ ପୂଜା କମିଟି, ନୀଳ ସରସ୍ୱତୀ କମିଟି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ଚିଦାନନ୍ଦ ବାରିକ, ଭୀମ ମାହଲ, ଅନନ୍ତ ବାରିକ, ଜୟଚନ୍ଦ ପୃଷ୍ଟି, ଅମରେନ୍ଦ୍ର ବାରିକ, ଦୈତାରୀ ବେହେରା, ସୁକାନ୍ତ ନାୟକ, ପଦନ ବାରିକ, ରାଜେନ୍ଦ୍ର ବାରିକ, ସୁଦର୍ଶନ ନାୟକ, କାହ୍ନୁ ସାହୁ, ଅନନ୍ତ ନାୟକ, ତେଜଲକ୍ଷ୍ମୀ ଦାସ, ଶ୍ରାବଣୀ କର, ଗାୟତ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଲକ୍ଷ୍ମୀନାରାୟଣ କମିଟି ଦ୍ୱାରା ପ୍ରକାଶିତ ଓ ଶିକ୍ଷାବିତ୍ ଡ଼. ବାଇଧର ସାହୁଙ୍କ ରଚିତ ପୁସ୍ତକ ଲୀଳାମୟ ଶ୍ରୀ ହରି ଉନ୍ମୋଚିତ ହୋଇଥିଲା। କମିଟିର ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କଠାରୁ ବାଇଧର ସାହୁ ସମ୍ମାନ ଗ୍ରହଣ କରୁଛନ୍ତି।

### ଜୁଏଲେରି ମାଲିକଙ୍କୁ ଭୁଜାଲିରେ ହାଣି ଲୁଟ୍

**ରାଇରଙ୍ଗପୁର,୨୧।୬(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ଯାମଦା ମାର୍କେଟ ପରିସରରେ ଥିବା ଏକ ଜୁଏଲେରି ମାଲିକଙ୍କୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଭୁଜାଲିରେ ହାଣି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଜୁଏଲେରି ମାଲିକ ସଞ୍ଜୟ କୁମାର ନନ୍ଦଙ୍କୁ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆର୍ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା(ନଂ.୫୦/୨୩) ରୁଜୁ କରିଛି।

# ନିରାଶ ହେଲେ କେନ୍ଦୁପତ୍ର ତୋଳାଳି

**କେନ୍ଦୁଝର,୨୧।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)**

### ରଜ, ରଥଯାତ୍ରାରେ ମିଳିଲାନି ପ୍ରାପ୍ୟ

କେନ୍ଦୁଝର ଡିଭିଜନର କେନ୍ଦୁପତ୍ର ତୋଳାଳିମାନେ ସେମାନଙ୍କ ଚଳିତବର୍ଷର ପ୍ରାପ୍ୟ ପାଇଲେ ନାହିଁ। ଆଶା କରିଥିଲେ ରଜ ପୂର୍ବରୁ ସେମାନଙ୍କ ପାଉଣା ମିଳିବ ଏବଂ ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ପ୍ରମୁଖ ରଜ ଓ ରଥଯାତ୍ରା ପର୍ବକୁ ଧୁମ୍ଧାମରେ ପାଳନ କରିବେ। ମୂଲ୍ୟ ନ ମିଳିବାରୁ ଉଭୟ ଉତ୍ସବ ଫିକା ପଡ଼ିଯାଇଛି। ଖରାରେ ଭୋକ ଉପାସରେ ପତ୍ର ତୋଳି ମଧ୍ୟ ଉତ୍ସବ ସମୟରେ ପ୍ରାପ୍ୟ ନ ମିଳିବାରୁ କେନ୍ଦୁପତ୍ର ତୋଳାଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁପତ୍ର ବହୁ ଗରିବ ବିଶେଷ କରି ବନବାସୀଙ୍କୁ ତିନି ମାସର ଜୀବିକା ଯୋଗାଇଥାଏ। ସରକାର କେନ୍ଦୁପତ୍ରରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲାଭ ପାଇଥାଆନ୍ତି। ତୋଳାଳି କେରୀ ଅର୍ଥାତ୍ (୨୦ଟି ପତ୍ର) ବାବଦକୁ ୧.୪୦ ପଇସା ପାଇଥାନ୍ତି। ୧୫ ଦିନ ମଧ୍ୟରେ ତୋଳିବା ପଇସା ପାଇବା କଥା। ମାତ୍ର ତୋଳାଳିମାନେ ପାଖାପାଖି ୬.୫ କୋଟି ଟଙ୍କା ପାଉଣା ପାଇବାକୁ ଥିବା ବେଳେ ମୂଲ୍ୟ ନ ମିଳିବାରୁ ଜିଲାର ପ୍ରମୁଖ ପର୍ବ ରଜ ଓ ଏବେ ରଥଯାତ୍ରା ସେମାନଙ୍କ ପାଇଁ ଫିକା ପଡ଼ିଯାଇଛି। ପ୍ରାପ୍ୟ ଅନ୍ଲାଇନରେ ମିଳୁଥିବା ବେଳେ କେବେ ମିଳିବ ଏବଂ ହାତକୁ ଟଙ୍କା କେବେ ଆସିବ ସେନେଇ ତୋଳାଳି ଚିନ୍ତାରେ ଅଛନ୍ତି। ଏ ନେଇ କେନ୍ଦୁପତ୍ର ତୋଳାଳି ସଂଘର ଜିଲା ସମ୍ପାଦକ ସଞ୍ଜୟ ଚୌଧୁରୀ କହିଛନ୍ତି, କିଛି ତୋଳାଳିଙ୍କୁ ପଇସା ସୋମବାର ମିଳିଛି। ଅନ୍ୟମାନେ କିପରି ପାଇବେ ସେ ନେଇ ଆଲୋଚନା କରି ପଦକ୍ଷେପ ନିଆଯାଉଛି। ବିଳମ୍ବରେ ଟଙ୍କା ପ୍ରଦାନ ପାଇଁ ସୁଧ ବ୍ୟବସ୍ଥା ସହ ଠିକ ସମୟରେ ପ୍ରାପ୍ୟ ପ୍ରଦାନ ଏବଂ ବୋନସ ବ୍ୟବସ୍ଥା ନେଇ ପଦକ୍ଷେପ ନିଆଯାଉ ବୋଲି କହିଥିଲେ। କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ ଶରତ ଚନ୍ଦ୍ର ବେହେରା କହିଛନ୍ତି, କିଛି ପଇସା ଆସିଛି। ତେବେ ସବୁ ପଇସା ଆସିଲେ ଖୁବ୍ଶୀଘ୍ର ସେମାନଙ୍କ ପ୍ରାପ୍ୟ ଦେଇ ଦିଆଯିବ।

ପ୍ରକାଶଯୋଗ୍ୟ, ବଣଜଙ୍ଗଲ ଭରା କେନ୍ଦୁଝର ଡିଭିଜନ ଅଧୀନରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଜିଲାର କେନ୍ଦୁଝର ସଦର, ତେଲକୋଇ, କାମାକ୍ଷାନଗର, ପରଜଙ୍ଗ, ଆକୁଳ, ବାଙ୍ଗିରିପୋଷି ରେଞ୍ଜର ୨୮ ହଜାର ତୋଳାଳି କେନ୍ଦୁପତ୍ର ତୋଳିଥାଆନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳରେ ଗୋଛା ଓ ମେଡ଼ା କଟେଇ କାମ ହୋଇଥାଏ। ପରେ ପତ୍ର ତୋଳା ଯାଇଥାଏ। ଏହି ସମୟରେ ଫଡ଼ି ଘର (ଯେଉଁଠି କେନ୍ଦୁପତ୍ର ସାଇତି ରଖାଯାଏ) ମରାମତି କାମ କରାଯାଇଥାଏ। ପାଖାପାଖି ୪୩୭ ଫଡ଼ି ଘର ଏହି ଡିଭିଜନରେ ରହିଛି। ଏହାକୁ ସାଇତି ରଖିବା ପରେ ଏହାକୁ ରେଞ୍ଜ ଅନୁଯାୟୀ ନିଲାମ କରାଯାଏ। କେନ୍ଦୁପତ୍ର ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ରାଜ୍ୟର ବିଡ଼ି ବେପାରୀମାନେ କିଣି ନେଇଥାଆନ୍ତି। ତେବେ କିଛି ବର୍ଷ ହେଲା ସରକାର କେନ୍ଦୁପତ୍ର ସଂଗ୍ରହ ଟାର୍ଗେଟ ବୃଦ୍ଧି କରୁ ନ ଥିବାରୁ ତୋଳାଳି ଅଧିକ ତୋଳି ପାରୁନାହାନ୍ତି। ଟାର୍ଗେଟ ବୃଦ୍ଧି କଲେ ଅଧିକ ଲୋକ ସାମିଲ ହୋଇ ରୋଜଗାରକ୍ଷମ ହୋଇ ପାରିବେ ବୋଲି ମତପ୍ରକାଶ ପାଉଛି।

**ଗାଡ଼ି ଓଲଟି ଜଣେ ମୃତ, ୧୫ ଆହତ**

ରାଇରଙ୍ଗପୁର,(ମନୋରଞ୍ଜନ ତିରିଆ): ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ନିକଟରେ ବୁଧବାର ସକାଳେ ଏକ ଗାଡ଼ି ଓଲଟି ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି । ମୃତ ମହିଳା ଜଣକ ହେଲେ ଆଦରମଣି ନାଏକ(୬୦) । ସୂଚନା ଅନୁଯାୟୀ, ନୂଆଗାଁ ପଞ୍ଚାୟତର ବଣକାଟି ଗ୍ରାମରୁ ପ୍ରାୟ ୩୦ ଜଣ ଲୋକ ଏକ ଟାଟା ମେକ୍ସିମୋ ସୁପ୍ରିୟ ଗାଡ଼ିରେ ବାରିପଦା ଆଡ଼କୁ ଯାଉଥିଲେ । ନୂଆଗାଁ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା । ସେଠାରେ ଆଦରମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ଅଧାବାଟରେ ଦର୍ପଦଳନ, ଆଜି ଗଡ଼ିବ ନନ୍ଦିଘୋଷ


ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି ।

## ବାରିପଦା ରଥଯାତ୍ରା

■ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

ବାରିପଦା,୨୧।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପୁରୀ ରଥଯାତ୍ରାର ଦିନକ ପରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଛାଡ଼ି ଶ୍ରୀଗୁଣ୍ଡିଚା ଅଭିମୁଖେ ବାହରିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ହରିବୋଲ, ଶଙ୍ଖ, ହୁଳହୁଳିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇ ପଡ଼ିଥିଲା। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ରଥ ଉପରକୁ ଚଢ଼ିଥିଲେ। ପରେ ଦେବୋତ୍ତର ବିଭାଗର ସମୟ ନିର୍ଘଣ୍ଟର ଅଧଘଣ୍ଟା ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା । ସୁଭଦ୍ରାଙ୍କ ଦର୍ପଦଳନ ରଥକୁ କେବଳ ମହିଳାମାନେ ଟାଣିଥିଲେ।

ବୁଧବାର ରଥଯାତ୍ରା ପାଇଁ ବାରିପଦା ସହର ଲୋକାରଣ୍ୟ ହୋଇପଡ଼ିଥିଲା। ପ୍ରଥମ ଦିନରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଅପରାହ୍ନ ୩ଟାରେ ଟାଣିଥିଲେ। ଚଳିତ ବର୍ଷ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଣୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ବଳଭଦ୍ରଙ୍କ ରଥକୁ ଟାଣିଥିଲେ। ୪ଟା ୩୦ରେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ୫ଟା୧୫ରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିଲା । ମହିଳାମାନେ ରଥକୁ ଟାଣି ଅଧାବାଟରେ ଥିବା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। କେବଳ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣିବା ନେଇ ପରମ୍ପରା ରହିଥିବାରୁ ଜିଲା ତଥା ପଡ଼ୋଶୀ ରାଜ୍ୟରୁ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଜିଲାପାଳ ବିନୀତ ଭରଦ୍ୱାଜ, ପୂର୍ବାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ଦେବୋତ୍ତର ଅଧିକାରୀ ତଥା ବାରିପଦା ସଦର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ରଥ ଟାଣିଥିଲେ। ଏସ୍‌ପି ବି. ଗଙ୍ଗାଧର ଉପସ୍ଥିତ ରହି ଆଇନ ଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିଥିଲେ। ତେବେ ଗୁରୁବାର ଅପରାହ୍ନରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ମାଉସୀ ମା' ମନ୍ଦିର ପହଞ୍ଚାଇବା ପରେ ନନ୍ଦିଘୋଷ ରଥ ଟଣାଯିବ। ପରେ ତିନି ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

## ରଥଯାତ୍ରାର ଏପାଖ ସେପାଖ

### ଭାଜପା ନେତାଙ୍କ ଦେଖା ମିଳିଲାନି

"ରଥଯାତ୍ରା ସମୟରେ କର୍ଡନ ମଧରେ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ବିଜେଡି ନେତାଙ୍କ ବ୍ୟତୀତ ଭାଜପା କିମ୍ବା କଂଗ୍ରେସ ନେତା ଓ ସମର୍ଥକଙ୍କୁ ଦେଖିବାକୁ ମିଳି ନ ଥିଲା । ଏପରିକି ଜିଲାର ବିଧାୟକମାନେ ଅନୁପସ୍ଥିତ ରହିଥିବା ବେଳେ ମାତ୍ର କେତେଜଣ ନେତୃବୃନ୍ଦ କର୍ଡନ ମଧରେ ଉପସ୍ଥିତ ଥିଲେ ।

### କର୍ଡନ ଭିତରେ ନକଲି ପାସ୍‌ଧାରୀଙ୍କ ଭିଡ଼

"ବାରିପଦାରେ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ଟଣା ସମୟରେ କର୍ଡନ ଭିତରେ ଗହଳି ଦେଖାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପାସ୍‌କୁ ଜାଲ୍ କରି ଅନେକ ଲୋକ ଭିଡ଼ ଜମାଇଥିଲେ। ଫଳରେ ପୋଲିସ କର୍ମଚାରୀମାନଙ୍କୁ କାର୍ଯ୍ୟ କରିବାରେ ଅସୁବିଧା ହୋଇଥିଲା। ପାସ୍ ଗୁଡିକ ଯାଞ୍ଚ କରାଯାଉ ନ ଥିବାରୁ ଏଭଳି ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା।

### ରଥରେ କୁନି ସେବାୟତ



"ରଥଯାତ୍ରାରେ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ଦିଅଁଙ୍କ ସେବାରେ ନିୟୋଜିତ ଥିଲେ କୁନି ସେବାୟତ ହର୍ଷିତ ତ୍ରିପାଠୀ। ବୟସ ୪ବର୍ଷ ଛୁଇଁଥିବା ବେଳେ ପ୍ରଭୁଙ୍କ ସେବାରେ ସେ ନିଜକୁ ହଜାଇ ଦେଇଥିଲେ । ମା'ବାପାଙ୍କଠାରୁ କିଛି ସମୟ ଦୂରରେ ରହି ପ୍ରଭୁଙ୍କ ଶ୍ରୀଚରଣରେ ନିଜକୁ ସମର୍ପି ଦେଇଥିଲେ। ତେବେ ପରିବାର ଲୋକେ ଠାକୁରଙ୍କ ସେବାୟତ ଭାବେ କାର୍ଯ୍ୟ କରୁଥିବା ବେଳେ ଏହି କୁନି ସେବକଙ୍କ ଭକ୍ତିକୁ ନେଇ ସାଧାରଣରେ ଚର୍ଚ୍ଚା ହୋଇଥିଲା ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ ଲିପୁନୁ


@ ପ୍ରଶ୍ନ


@ ପ୍ରୀତି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ଗୁଣ୍ଡିଚା ମନ୍ଦିରରେ ଦଧିବାମନଜୀଉ


ରଥଦାଣ୍ଡରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

## ମଲ୍ଲୀପଶିରେ ରାତିରେ ଟଣା ହେଲା ରଥ

ପାଟଣା,୨୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗରସ୍ଥିତ ପ୍ରାଚୀନ ଦଧିବାମନଜୀଉ, ମଲ୍ଲୀପଶି, ଟାଙ୍ଗରପଡ଼ା ଓ ସରାସକୋଲାସ୍ଥିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷ ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ଦଧିବାମନଜୀଉଙ୍କ ରଥରେ ଦୁର୍ଯ୍ୟୋଧନ ମିଶ୍ର ଛେରା ପହଁରା କରିଥିଲେ। ଦେବତ୍ତୋର ବିଭାଗ ପକ୍ଷରୁ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନାଙ୍କ ସହ ପଣ୍ଡିତ ପ୍ରଦୀପ କୁମାର ମିଶ୍ର ପରିଚାଳନା କରିଥିଲେ। ୨୨ ଜଣ ବିଭିନ୍ନ ନିଯୋଗର ସେବାୟତଙ୍କ ସହଯୋଗରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରଥ ଯାତ୍ରାର ଧାରା ବିବରଣୀକୁ ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର ଓ କୈବଲ୍ୟ ସାହୁ ପ୍ରଦାନ କରିଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

ସେହିପରି ମଲ୍ଲୀପଶିରେ ପାର୍ଥ ସାରଥୀ ବେଜଙ୍କ ତତ୍ତ୍ୱାବଧାନରେ ରାଜା ରବିନାରାୟଣ ସିଂ ରଥରେ ଛେରା ପହଁରା କରିଥିଲେ। ପୂଜକ ଭାବେ କୁଳମଣି ଷଡ଼ଙ୍ଗୀ ଓ କ୍ଷୀରୋଦ ମିଶ୍ର ଦେବନୀତି ସମ୍ପାଦନ କରିବା ପର ୩ ରଥ ଟଣା ଯାଇଥିଲା। ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣି ଥିଲେ। ରାତି ୧୦ଟାରେ ୩ ଠାକୁରଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ୧୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିଭଳି ସରାସକୋଲା ଓ ଟାଙ୍ଗରପଡ଼ାରେ ରଥ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

## ଘୋଷଯାତ୍ରାରେ ତେଲକୋଇ ଉତ୍ସବମୁଖର

ତେଲକୋଇ,୨୧।୬(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇ ସଦର ମହକୁମା ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପହଣ୍ଡି ପରେ ମହାପ୍ରଭୁ କାଳିଆ ସାଆନ୍ତ ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ରଙ୍କ ସହିତ ରଥାରୂଢ଼ ହୋଇଥିଲେ। ଡାହୁକର ଡାକରେ ଭକ୍ତ ୩ ଠାକୁରଙ୍କ ରଥକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥ ଯାତ୍ରାରେ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିଲା। ବ୍ଲକ୍‌ର ଆକୁଳ, ପୋଡ଼ାଙ୍ଗ, କରଦାଙ୍ଗି, ବୀରବରପୁର, ତାଳପଦା ଅଞ୍ଚଳରେ ମଧ୍ୟ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଅଧାବାଟରେ ଅଟକିଲେ ଶ୍ରୀଜୀଉ

ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ନୀଳଗିରି, ୨୧।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ବୁଧବାର ଅପରାହ୍ନରେ ଘଣ୍ଟଘଣ୍ଟା, ଚାମର ଆଲଟ, ହୁଳହୁଳି, ଭଜନକୀର୍ତ୍ତନ, ଶଙ୍ଖ ଧ୍ୱନିରେ ଆରମ୍ଭ ହୋଇଥିଲା। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଭିତରେ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟକାରରେ ମଧ୍ୟରେ ଗଡ଼ିଚାଲିଥିଲା ରଥ। ପ୍ରଥମଦିନରେ ଭକ୍ତ, ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଶ୍ରୀମନ୍ଦିର ନିକଟରୁ ରଥଟାଣି ଦାଣ୍ଡ ଅଧାରାସ୍ତାରେ ପହଞ୍ଚାଇଥିଲେ। ଗୁରୁବାର ଅପରାହ୍ନରେ ପୁଣି ରଥଟଣା କାର୍ଯ୍ୟ ଆରମ୍ଭ ହେବ। ନୀଳଗିରି ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତି ହେଉଛି। ପୁରୀରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ନୀଳଗିରି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନି ଦିନ ଧରି ରଥଯାତ୍ରା ପାଳନ କରାଯିବାର ପରମ୍ପରା ରହିଛି। ନୀଳଗିରିର ରାଜାସାହେବ ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ନୀଳଗିରି ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ପଡ଼ିଥିଲା। ଏହି ଘୋଷଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ ମନ୍ଦରଧର ମହାଳିକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବିଜୁ ଜନତା ଦଳର ରାଜ୍ୟଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ନୀଳଗିରି ଏସ୍‌ଡିପିଓ ରିତେଶ ମହାପାତ୍ର, ଏନ୍‌ଏସି ଅଧିକାରୀ ଅକ୍ଷୟ କୁମାର ବାଡୁ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ସମେତ ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ ପ୍ରମୁଖ ରଥଟଣାରେ ସାମିଲ ହୋଇ ରଥ ଟାଣିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ୩୦ ପୋଲିସ ଅଫିସର ଓ ୧୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା। ବିଡିଓ ରାହୁଲ ମଣ୍ଡଳ ରଥ ଉପରେ ପତକା ଦେଖାଉ ଥିବା ବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥ ପରିଚାଳନା କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।


ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଓ ଏସ୍‌ପି ସାଗରିକା ନାଥ ରଥ ଟାଣୁଛନ୍ତି।

## ଚମ୍ପୁଆ ଏନ୍‌ଏସି ଓ ବ୍ଲକ୍ ପାଇଁ ୨.୯୩ କୋଟି ମଞ୍ଜୁର

ଚମ୍ପୁଆ,୨୧।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଓ ବ୍ଲକ୍‌ରେ ୧୮ଟି ପ୍ରକଳ୍ପ ପାଇଁ ୨.୯୩ କୋଟି ଟଙ୍କା ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର ହୋଇଥିବା ଜଣାପଡ଼ିଛି। ୫–ଟି ସଚିବଙ୍କ ଚମ୍ପୁଆ ଗସ୍ତ ସମୟରେ ସ୍ଥାନୀୟ ଏନ୍‌ଏସି ଓ ବ୍ଲକ୍‌ର ମନ୍ଦିର ଓ ଧାର୍ମିକ ଅନୁଷ୍ଠାନର ଉନ୍ନତି କରଣ ପାଇଁ ବିଭିନ୍ନ ସଂଗଠନ ତରଫରୁ ଦିଆଯାଇଥିବା ଦାବି ଅନୁଯାୟୀ ଘୋଷଣା ହୋଇଥିବା କୁହାଯାଉଛି। ଅନୁଦାନରେ ଚମ୍ପୁଆ ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୨୦ଲକ୍ଷ, ଲକ୍ଷ୍ମୀ ମଣ୍ଡପ ପାଇଁ ୧୫ ଲକ୍ଷ, ରାମତୀର୍ଥ ମନ୍ଦିର ପାଇଁ ୧୫ ଲକ୍ଷ, ଚନ୍ଦ୍ରଶେଖର ମନ୍ଦିର ପାଇଁ ୨୦ ଲକ୍ଷ, ଜଗନ୍ନାଥ ମନ୍ଦିରରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିମନ୍ତେ ୧୫ ଲକ୍ଷ, ମୁକ୍ତେଶ୍ୱର ଶିବ ମନ୍ଦିର ପାଇଁ ୨୦ ଲକ୍ଷ, କୀର୍ତ୍ତନ ମଣ୍ଡପ ପାଇଁ ୧୦ ଲକ୍ଷ, ନାଗେଶ୍ୱର ବାବା ମନ୍ଦିର ପାଇଁ ୨୦ ଲକ୍ଷ, ଝାଡ଼େଶ୍ୱର ଶିବ ମନ୍ଦିର ପାଇଁ ୧୦ ଲକ୍ଷ, ଧାର୍ମିକ ସ୍ଥଳ ପାଇଁ ୧୦ ଲକ୍ଷ, କପିଳେଶ୍ୱର ମନ୍ଦିରର ଉନ୍ନତୀକରଣ ପାଇଁ ୨୦ ଲକ୍ଷ, ମହାଦେବ ମନ୍ଦିର ପାଇଁ ୧୫ ଲକ୍ଷ, ହନୁମାନ ବିଗ୍ରହ ପାଇଁ ୮ ଲକ୍ଷ, ବାବା ଚନ୍ଦ୍ରଶେଖର ମନ୍ଦିର ପାଇଁ ୧୫ ଲକ୍ଷ, ନୂଆ ଶିବ ମନ୍ଦିର ପାଇଁ ୧୫ ଲକ୍ଷ, ଟାଙ୍ଗର ବନ୍ତଲା ଶିବ ମନ୍ଦିର ପାଇଁ ୨୦ ଲକ୍ଷ ଏବଂ ନିଉଣ୍ଡି ଜଗନ୍ନାଥ ମନ୍ଦିର ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

# ୩ କି.ମି. ଦଣ୍ଡପ୍ରଣାମ କରି ମାନସିକ ପୂରଣ କଲେ ମହିଳା

ନୀଳଗିରି, ୨୧।୬(ପ୍ରଶାନ୍ତ ବିଶ୍ୱାଳ)

ଚାଲିଛି ବାଲେଶ୍ୱର ଜିଲା ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା। ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ। ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ହୋଇଛି ଅପୂର୍ବ ମିଳନ। ଏହି ପରିପ୍ରେକ୍ଷୀରେ ନୀଳଗିରି ଥାନା ଅଧୀନ ଷ୍ଟେଶନ ସାହିର ଜଣେ ମହିଳା ଶ୍ରଦ୍ଧାଳୁ ଜୟନ୍ତୀ ବେହେରାଙ୍କ ମାନସିକ ପୂରଣ ହୋଇଥିବାରୁ ସେ ଟହ ଟହ ଖରାକୁ ଖାତିର୍ ନ କରି ଜଗନ୍ନାଥଙ୍କ ନାମ ନେଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦଣ୍ଡପ୍ରଣାମ କରି ବୁଧବାର ସକାଳ ୫ଟାରୁ ନିଜ ଘରୁ ବାହାରି ଦୀର୍ଘ ୩ କି.ମି. ଦଣ୍ଡପ୍ରଣାମ କରି ରଥଦାଣ୍ଡରେ ପହଞ୍ଚିଥିଲେ। ସାଙ୍ଗରେ ତାଙ୍କ ପରିବାର ଲୋକେ ଓ ସ୍ୱାମୀ ଚାଲିଥିଲେ। ଦଣ୍ଡପ୍ରଣାମ ସମୟରେ ସେ କଥା କହୁ ନ ଥିଲେ। ତାଙ୍କ ସ୍ୱାମୀ ଭରତଚନ୍ଦ୍ର ବେହେରା କହିବା ଅନୁଯାୟୀ, ସନ୍ତାନ ପାଇଁ ତାଙ୍କ ସ୍ତ୍ରୀ ଦଣ୍ଡପ୍ରଣାମ ମାନସିକ କରିଥିଲେ। ଦୀର୍ଘ ୧୨ବର୍ଷ ପରେ ମନସ୍କାମନା ପୂରଣ ହୋଇଥିବାରୁ ତାଙ୍କ ସ୍ତ୍ରୀ ଦଣ୍ଡପ୍ରଣାମ କରି ଆସିଛନ୍ତି। ପ୍ରଥମେ ଅରୁଣସ୍ତମ୍ଭ ପରିକ୍ରମା କରି ରଥକୁ ପ୍ରଣାମ କରିଥିଲେ। ବିଭିନ୍ନ ସମୟରେ ପୁରୁଷ ଭକ୍ତମାନେ ଦଣ୍ଡପ୍ରଣାମ କରୁଥିବା ଦେଖାଯାଏ, ମାତ୍ର ଜଣେ ମହିଳା ମହାପ୍ରଭୁଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ତାତି ଓ ଟହ ଟହ ଖରାରେ ମନ୍ଦିରରେ ପହଞ୍ଚିବା ସମସ୍ତଙ୍କୁ ଚକିତ କରିଥିଲା।


ମହିଳା ଦଣ୍ଡପ୍ରଣାମ କରି ଯାଉଛନ୍ତି।

# ଆସ୍ଥା, ବିଶ୍ୱାସର ଠାକୁର ବଟେଶ୍ୱର

■ ୪ ଦଶନ୍ଧି ଧରି ବରଗଛ କୋରଡ଼ରେ ପୂଜା ପାଉଛନ୍ତି

■ ଶିବ ଲିଙ୍ଗରେ ଗୁଡ଼େଇ ହୋଇ ରହେ ସାପ

ଯୋଡ଼ା,୨୧।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଖଣି ଖାଦାନ ଉପତ୍ୟକା ଯୋଡ଼ା ସହରର ପଶ୍ଚିମ ଯୋଡ଼ାଠାରେ ରହିଛି ଏକ ଅଲୌକିକ, ଆସ୍ଥା ଓ ବିଶ୍ୱାସର ପ୍ରତୀକ ବାବା ବଟେଶ୍ୱର୍ ଶୈବପୀଠ। ଏକ ବିଶାଳ ପୁରାତନ ବଟବୃକ୍ଷ କୋରଡ଼ରେ ୪ ଦଶନ୍ଧି ଧରି ଶିବଲିଙ୍ଗ ପୂଜା ପାଇ ଆସୁଛନ୍ତି। ବିଶ୍ୱାସ ରହିଛି ଶିବରାତ୍ରିରେ ଏଠାରେ ଦୀପ ଜାଳିଲେ ମନସ୍କାମନା ପୂରଣ ହୋଇଥାଏ। ଶୈବପୀଠ ଜଙ୍ଗଲ ମଧ୍ୟରେ ରହିଥିବା ବେଳେ ସ୍ଥାନୀୟ ଓ ପଡ଼ୋଶୀ ଜିଲା ଏବଂ ରାଜ୍ୟର ଲୋକଙ୍କ ଭିଡ଼ ଜମିଥାଏ।

ପଣ୍ଡିତ ସହଜାନନ୍ଦ ପାଠକଙ୍କ କହିବା ଅନୁଯାୟୀ, ୧୯୮୦ରେ ଭୂଷଣ ଲାଗୁରି ନାମକ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହେବା ପରେ ସେ ଏହି ବଟବୃକ୍ଷ ମୂଳରେ ଥିବା ଧୋବୀ ବାବାଙ୍କ ସଂସ୍ପର୍ଶରେ ଆସିଥିଲେ। ବାବା ତାଙ୍କୁ ବିଷ୍ଣୁ ମନ୍ତ୍ର ଜପ କରିବା ପାଇଁ କହିଥିଲେ। ପରେ ତାଙ୍କୁ ଏହି ବଟ ବୃକ୍ଷ କୋରଡ଼ରେ ମହାଦେବଙ୍କ ଲିଙ୍ଗ ସ୍ଥାପନ କରିବା ପାଇଁ ପ୍ରେରଣା ଦେଇଥିଲେ। ଖିଚିଂରୁ ଶିବଲିଙ୍ଗ ଆଣି ସେ ସ୍ଥାପନ କରି ପଣ୍ଡିତ ପାଠକଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। କାଳକ୍ରମେ ପୀଠର ଖ୍ୟାତି ବଢ଼ିବାରେ ଲାଗିଲା। ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଓ ସ୍ଥାନୀୟ ଆଖପାଖ ଅଞ୍ଚଳର ଶିବଭକ୍ତ, ଶ୍ରଦ୍ଧାଳୁ ଏଠାକୁ ପୂଜା ଅର୍ଚ୍ଚନା କରିବାକୁ ଆସିଥାଆନ୍ତି। ଆସ୍ଥା ଓ ବିଶ୍ୱାସ ରହିଛି, ବାବା ବଟେଶ୍ୱରଙ୍କ ଶରଣ ଗଲେ ମାନସିକ ପୂରଣ ହୋଇଥାଏ। ବର କୋରଡ଼ର କବାଟ ଖୋଲିଲେ ଶିବଲିଙ୍ଗ ଉପରେ ବୃତ୍ତାକାର ହୋଇ ସର୍ପ କୁଣ୍ଡଳାକୃତି ଅବସ୍ଥାରେ ଦେଖିବାକୁ ମିଳିଥାଏ ବୋଲି ପଣ୍ଡିତ ପାଠକ, ତାଙ୍କ ପୁତ୍ର ଧନଞ୍ଜୟ ପାଠକ, କାର୍ତ୍ତିକ ପାଠକ କୁହନ୍ତି। ବିଲୁପ୍ତ ପ୍ରାୟ ଦୁଇ ମୁଣ୍ଡିଆ ସାପ ବା ନୁହୁ ସାପ ପାଦୁକା କୁଣ୍ଡ ନିକଟରେ ନିତିଦିନ ଦେଖିବାକୁ ମିଳେ ବୋଲି ପଣ୍ଡିତ ଧନଞ୍ଜୟ କହିଛନ୍ତି। ସର୍ପ କେବେ କାହାରି କିଛି କ୍ଷତି କରିନାହାନ୍ତି। ଶ୍ରଦ୍ଧାଳୁ ଚଗଲା ସାହୁ, ସୋମନାଥ ମହାନ୍ତି, ମନ୍ଦିର ପରିଚାଳନା କମିଟିର ମୁଖ୍ୟ ବିନୋଦ ସିଂ, ଆର୍ କେ ମିଶ୍ର, ଦୀନବନ୍ଧୁ ସାହୁ ପ୍ରମୁଖ କୁହନ୍ତି, ଶୈବପୀଠ ନିକଟରେ ଥିବା ଟାଟା କମ୍ପାନୀ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଆରୋଗ୍ୟ ଲାଭ କରିବା ପାଇଁ ଏଠାରେ ମାନସିକ କରିଥାନ୍ତି। ବଟେଶ୍ୱର ମହାଦେବଙ୍କ ନିକଟରେ ଦୀପଦାନ କଲେ ମନସ୍କାମନା ପୂରଣ ହୋଇଥାଏ। ଏଣୁ ଶିବରାତ୍ରିରେ ଏଠାରେ ପ୍ରବଳ ଜନ ସମାଗମ ହୋଇଥାଏ। ଶ୍ରାବଣ ମାସରେ ବହୁ ଶ୍ରଦ୍ଧାଳୁ ବୈତରଣୀ ଓ ଯୋଡା ସୁନା ନଦୀରୁ ଜଳ ନେଇ ଜଳାଭିଷେକ କରିଥାଆନ୍ତି। ସମ୍ପୂର୍ଣ୍ଣ ଶାଳବଣ ମଧ୍ୟରେ ଏକ ବିଶାଳ ବଟବୃକ୍ଷ କୋରଡ଼ରେ ସ୍ଥାପିତ ଶିବଲିଙ୍ଗର ଚତୁଃପାର୍ଶ୍ୱର ଦୃଶ୍ୟ ଅତ୍ୟନ୍ତ ମନୋରମ। ସ୍ଥାନୀୟ ଟାଟା କମ୍ପାନୀ ଶୈବ ପୀଠର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ କାର୍ଯ୍ୟ କରୁଛି। ଏଥିସହିତ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୀଠରେ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ହେଉଛି।


ଗଛ କୋରଡ଼ରେ ପୂଜା ପାଉଥିବା ପ୍ରଭୁ ବଟେଶ୍ୱର।


ଠାକୁରଙ୍କ ଫଟୋରେ ଗୁଡ଼ାଇ ହୋଇଥିବା ସାପ।

